ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD(Od)/1281/20-11-2023**

## ରାଜ୍ୟସ୍ତରୀୟ ଶିଶୁ ଅଧିକାର ସପ୍ତାହ ଉଦ୍‌ଯାପିତ

- ୨୦୨୩ ବିଶ୍ୱ ଶିଶୁ ଦିବସର ଥିମ୍ ''ପ୍ରତ୍ୟେକ ଶିଶୁ ପାଇଁ ପ୍ରତ୍ୟେକ ଅଧିକାର'
- ସୁରକ୍ଷିତ ଓ ଶୋଷଣମୁକ୍ତ ଶୈଶବ, ଶିଶୁମାନଙ୍କର ଅଧିକାର – ମନ୍ଦାକିନୀ କର
- ଡ୍ରାମା ଦ୍ୱାରା ବାଲ୍ୟ ବିବାହର ବିରୋଧ କଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୦/୧୧/୨୦୨୩:

ଏକ ନିର୍ଯାତନାବିହୀନ ସୁରକ୍ଷିତ ପିଲାଦିନ, ପ୍ରତ୍ୟେକ ଶିଶୁର ଜନ୍ମଗତ ଅଧିକାର । ପ୍ରତି ବର୍ଷ ପରି ଚଳିତ ବର୍ଷ ମିଳିତ ଜାତିସଂଘ ଶିଶୁ ଅଧିକାର ସପ୍ତାହ ନଭେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅବସରରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହେଇଯାଇଛି । ବିଶ୍ୱ ଶିଶୁ ଦିବସ ପାଳନ ପରିପେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ଅନ୍ଧାରୁଆ, ଚନ୍ଦକା ଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଶିଶୁ ଅଧିକାର ସପ୍ତାହର ଉଦଯାପିତ ଉତ୍ସବ ଅନୁଷ୍ଠିତ ହେଇଯାଇଛି । ଏହି ବର୍ଷ ମିଳିତ ଜାତିସଂଘ ଥିମ୍ ରହିଛି 'ପ୍ରତ୍ୟେକ ଶିଶୁ ପାଇଁ ପ୍ରତ୍ୟେକ ଅଧିକାର ।'

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷ୍ୟା ଶ୍ରୀମତୀ ମନ୍ଦାକିନୀ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ନିଜ ବକ୍ତବ୍ୟରେ ଶିଶୁମିତ୍ର ଅନୁକୂଳ ପରିବେଶ ଓ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ପିଲା ନିଜ ଅଧିକାର ପ୍ରତି ସଚେତନ ରହିବା ସହ ପିତାମାତା, ଶିକ୍ଷକ ଓ ସମାଜର ବିଭିନ୍ନ ବର୍ଗର ନାଗରିକମାନେ ମଧ ଶିଶୁ ଅଧିକାର ପ୍ରତି କର୍ତ୍ତ୍ୟବନିଷ୍ଠ ରହିବା ଉପରେ ସେ ଆଲୋକପାତ କରିଛନ୍ତି । ମହିଳା ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଶ୍ରୀମତୀ ସୁମିତ୍ରା ଜେନା କହିଲେ ଯେ ଶିଶୁ ସୁରକ୍ଷା ଓ ଅଧିକାର ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରାଥମିକତା । ବିଜୁ ଶିଶୁ ସୁରକ୍ଷା ଯୋଜନା ଓ ଆଶୀର୍ବାଦ ଭଳି ଯୋଜନା ଦ୍ୱାରା ଆମେ ଶିଶୁ ଅଧିକାର ଓ ସୁରକ୍ଷାକୁ ଆହୁରି ମଜଭୁତ କରୁଛୁ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଛାତ୍ରଛାତ୍ରୀ ଡ୍ରାମା, ନୃତ୍ୟ ଓ ସଙ୍ଗୀତ ମାଧମରେ ବାଲ୍ୟ ବିବାହ ଓ ଯୌନ ନିର୍ଯାତନ ଭଳି ବିଷୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ତମାଖୁ ବର୍ଜନ ଓ ମାଦକ ଓ ଅନ୍ୟ ନିଶା ଦ୍ରବ୍ୟଠୁ ଦୂରେଇ ରହିବାକୁ ପିଲାମାନଙ୍କୁ ଉପଦେଶ ଦେଇଥିଲେ ।

୧୯୮୯ ମସିହାରେ ଅନୁଷ୍ଠିତ ହୋଇଥିବା ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀରେ ଗୃହୀତ ଘୋଷଣାନାମକୁ ଭାରତ ୧୯୯୨ ବର୍ଷ ଡିସେମ୍ବର ମାସ ୧୧ ତାରିଖରେ ସ୍ୱାକ୍ଷର କରିଥିଲା । ଏହି ଘୋଷଣାନାମ ଅନୁସାରେ ଶିଶୁମାନଙ୍କ ଅଧିକାରକୁ ମୁଖ୍ୟତଃ ଚାରୋଟି ଭାଗରେ ବିଭକ୍ତ କରାଯାଇଛି – ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର ଓ ଅଂଶଗ୍ରହଣ କରିବାର ଅଧିକାର । ଏହି ସବୁ ଅଧିକାର ପ୍ରତି ସଚେତନ ହବା ସହ ସୁରକ୍ଷିତ ରଖିବା ହେଉଛି ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ।

ଏହି କାର୍ଯ୍ୟକ୍ରମରେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାଶ ସ୍ୱାଗତ ଭାଷଣ ଦେବା ସହ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ସହ ରାଜ୍ୟ ଶିଶୁ ସୁରକ୍ଷା ଅଧିକାରର ଅନ୍ୟ ସଦସ୍ୟା, ବିଭିନ୍ନ ସଂଗଠନର ପ୍ରତିନିଧି, ଅଭିଭାବକ ଓ ଶିକ୍ଷକ/ଶିକ୍ଷୟତ୍ରୀ ଓ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ତନୁଜା ମହାନ୍ତି
ଲୋକସଂପର୍କ ଅଧିକାରୀ